# ଓଡ଼ିଶା ବିଧାନସଭା

(ଷଷ୍ଠ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ସୋମବାର, ୨୨ ଫେବୃଆରୀ, ୨୦୨୧

----

[ମୁଖ୍ୟ ମନ୍ତ୍ରୀ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଅବକାରୀ,ଅର୍ଥ ଇସ୍ପାତ ଓ ଖଣି,ନିର୍ମାଣ ].

ମୋଟ ପ୍ରଶ୍ନ 30

----

### ନୂତନ ଥାନା ପ୍ରତିଷ୍ଠା ପାଇଁ ପ୍ରସ୍ତାବ

*61 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟ ମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଚଳିତ ବର୍ଷ କେତୋଟି ନୂତନ ଥାନା ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇଠାରେ ପ୍ରସ୍ତାବିତ ସଦର ଥାନା କେବେ କାର୍ଯ୍ୟକ୍ଷମ ହେବ, ଏଥିପାଇଁ ଚଳିତ ବର୍ଷ କେତେ ଆର୍ଥୀକ ବ୍ୟୟ ବରାଦ କରାଯାଇଛି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ନୂତନ ଗୃହ ନିର୍ମାଣ ସମ୍ପର୍କରେ କଣ ପଦକ୍ଷେପ ନିଆଯାଇଛି ଜଣାଇବେ କି ?

----

### ମିଳିଥିବା ରାଜସ୍ୱ ବିନିଯୋଗ ସମ୍ପର୍କରେ

*62 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ କେଉଁଥିରୁ କେତେ ରାଜସ୍ୱ ସରକାରଙ୍କୁ ମିଳିଛି ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ରାଜସ୍ୱ ଆୟର ପରିମାଣ କମ କିମ୍ୱା ଅଧିକ କି, ସେ ତୁଳନାରେ ବିନିଯୋଗ ପରିମାଣ ଶତକଡା କେତେ ଏବଂ ଆର୍ଥିକ ବର୍ଷ ଶେଷ ବେଳକୁ ଆୟର ଶତକଡା କେତେ ବିନିଯୋଗ ହେବା ଆଶା କରାଯାଇଛି ଚଳିତ ବର୍ଷ କୋଭିଡ ପରିସ୍ଥିତିରେ ରାଜସ୍ୱ ଆୟ, ବ୍ୟୟର ପରିଚାଳନା ସଠିକ ମାର୍ଗ ପରିଚାଳନା ହେଉଥିଲା ବେଳେ ସରକାର ସମ୍ୱଳ ସଂଗ୍ରହ ସକାଶେ କେଉଁ ନୀତି ଅବଲମ୍ୱନ କରୁଛନ୍ତି କିମ୍ୱା କରିବେ ?

----

## ମେଡିକାଲ କଲେଜର ବର୍ତ୍ତମାନ ସ୍ଥିତି

*63 **ଶ୍ରୀ ବଦ୍ରୀ ନାରାୟଣ ପାତ୍ର (ଘାସିପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କେନ୍ଦୁଝରଠାରେ ନିର୍ମାଣାଧିନ ମେଡିକାଲ କଲେଜ ଓ ହସ୍ପିଟାଲର ବର୍ତ୍ତମାନ ସ୍ଥିତି କଣ, କେବେସୁଦ୍ଧା ଏହାର ନିର୍ମାଣ ପୁର୍ଣ୍ଣାଙ୍ଗ ହେବ ଏବଂ କେଉଁ ଶିକ୍ଷା ବର୍ଷରୁ ଏହି କଲେଜରେ ନାମ ଲେଖା ଆରମ୍ଭ ହେବ,ଏଥିପାଇଁ ଆବଶ୍ୟକୀୟ Doctor ଏବଂ Faculty ଚୟନ ତଥା ନିଯୁକ୍ତି ପ୍ରକ୍ରିୟା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ଏ ସମସ୍ତ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ସରକାର ଅବଗତ ଅଛନ୍ତିକି?

----

## NH - 26 ରେ Bye Pass ନିର୍ମାଣ

*64 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- NH - 26 ଜୟପୁର ସହରଦେଇ ଯାଇଥିବାରୁ ବହୁସମସ୍ୟା ସହିତ ଜନଗହଳି ସ୍ଥାନରେ ଘନଘନ ଦୁର୍ଘଟଣା ହେଉଥିବା କଥା ସରକାର ଜାଣନ୍ତି କି; ଏଥିପାଇଁ ଏକ By pass Road ନିର୍ମାଣପାଇଁ ପ୍ରତିଶୃତି ଦିଆଯାଇଥିଲା କି; ସେ ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ; ଏଥିପାଇଁ କି କି ପ୍ରତିବନ୍ଧକ ଅଛି, ତାହା ସ୍ପଷ୍ଟ କରିବେ କି ?

----

## ଦେଶୀ ଓ ବିଦେଶୀ ମଦରୁ ରାଜସ୍ୱ ଆୟ

*65 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଦେବଗଡ ଜିଲ୍ଲାରେ ମର୍ବମୋଟ କେତୋଟି ଦେଶୀ ବିଦେଶୀ ମଦ ଦୋକାନ ଅଛି ଓ ନୂତନ ବର୍ଷରେ କେତୋଟି ଖୋଲାଯିବାର ସରକାରଙ୍କର ପ୍ରସ୍ତାବ ଅଛି; (ଖ) ଦେଶୀ ମଦଭାଟି ବ୍ରାଞ୍ଚ ଜିଲ୍ଲାର କେତୋଟି ଅଛି ସେଗୁଡିକୁ କେଉଁ ଆଧାର ଖୋଲାଯାଇଛି ଓ ସର୍ବମୋଟ ଦେଶୀ ଓ ବିଦେଶୀ ଭାଟିରୁ ବର୍ଷକୁ କେତେ ରାଜସ୍ୱ ମିଳିଥାଏ ଏହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଖଣି ନିଲାମ ପ୍ରକ୍ରିୟା ଶେଷ ହେବାପାଇଁ ପଦକ୍ଷେପ

*66 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସରକାରଙ୍କର ଆଉ କେତୋଟି ଖଣି ନିଲାମ କରିବାର ଯୋଜନା କରିଛନ୍ତି, ଯଦି ଯୋଜନା ଅଛି, କେବେ ସୁଦ୍ଧା ନିଲାମ ପ୍ରକ୍ରିୟା ଶେଷ ହେବ ?

----

## ନୂତନ Police Station ଓ Out Post ଖୋଲିବା ପାଇଁ ପ୍ରସ୍ତାବ

***67 ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ମୁଖ୍ୟ ମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- 2021-22 ଆର୍ଥିକ ବର୍ଷରେ କେତୋଟି ନୂତନ Police Out Post ଓ Police Station ଖୋଲିବା ପାଇଁ ବ୍ୟବସ୍ଥା ଅଛି ଜଣାଇବେ କି ଓ ଏହା କେଉଁ କେଉଁ ସ୍ଥାନରେ ଖୋଲାହେବା ପାଇଁ ସ୍ଥିର ହୋଇଛି ଜଣାଇବେ କି ?

----

## ଋଣ ଲେଗାଣ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ

***୬୫ ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବିଗତ ତିନି ବର୍ଷରେ ଭଦ୍ରକ ଜିଲ୍ଲାରୁ ସରକାରୀ ଓ ଘରୋଇ ବ୍ୟାଙ୍କ କେତେ ଜମାରାଶି ସଂଗ୍ରହ କରିଥିବାବେଳେ କେତେ ଋଣ ଲେଗାଣ କରିଛନ୍ତି ଓ ଜିଲ୍ଲାରେ ଋଣ ଲେଗାଣ ତ୍ୱରାନ୍ୱିତ କରିବା ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ଡାକ୍ତର ପଦବୀ ପୂରଣ

***୬୨ ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- OSAP ଷଷ୍ଠ ବାଟାଲିୟନ ଡାକ୍ତରଖାନାରେ ଦୁଇଗୋଟି ଡାକ୍ତର ପଦବୀ ରହିଛି, OSAP ସମେତ ପୋଲିସ୍ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଏହାଦ୍ୱାରା ଉପକୃତ ହୋଇ ଆସୁଥିଲେ, ଏଥିରେ ସମସ୍ତ ଭିତ୍ତିଭୂମି ସହ ଦୁଇଟି ICU ମଧ୍ୟ ରହିଛି, ମାତ୍ର ଏବେ ଏଠାରେ ଡାକ୍ତର ପୋଷ୍ଟିଂ ହେଉନାହାନ୍ତି, ସରକାର ଏ ସମ୍ବନ୍ଧରେ ଅବଗତ ଅଛନ୍ତି କି, ଯଦି 'ହଁ', ତେବେ କେବେ ସୁଦ୍ଧା ସେଠାରେ ଡାକ୍ତର ପୋଷ୍ଟିଂ ହେବେ ଜଣାଇବେ କି ?

----

## ପୂର୍ତ୍ତବିଭାଗକୁ ରାସ୍ତା ହସ୍ତାନ୍ତର

***70 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଷୋଡଶ ବିଧାନସଭାର ପଞ୍ଚମ ଅଧିବେସନର ତା.23.11.2020ର ଅଣତାରକା ପ୍ରଶ୍ନର ଅସଂପୂର୍ଣ୍ଣ ଉତ୍ତର ମୋ ସରକାର ର "5T" ର ବିରୁଦ୍ଧାଚରଣ କରୁଥିବାରୁ ତା.14.01.2014 ଠାରୁ ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଥିବା ରାସ୍ତା ହସ୍ତାନ୍ତରିକରଣ ସମ୍ବନ୍ଧୀୟ ସରକାରୀ ଆଦେଶନାମା (ଯେହେତୁ ନୂତନ ହସ୍ତାନ୍ତରିକରଣ ନୀତି ଆଜି ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇ ନାହିଁ ) ର ବିବରଣୀ ଉପସ୍ଥାପନ କରିବେ କି; ଏହି ପ୍ରସ୍ତାବିତ ନୂତନ ହସ୍ତାନ୍ତରିକରଣ ନୀତି କେବେଠାରୁ କାର୍ଯ୍ୟକାରୀ ହେବ; (ଖ) ତା.14.01.2014 ରିଖ ଓ ତା ପରବର୍ତ୍ତୀ ତାରିଖରେ ସାଲେଭଟା ଠାରୁ ଆଗଲପୁର ଓ ଆଗଲପୁର ଠାରୁ ନଅଗାଁ (କ) ଭାୟା ମହଖଣ୍ଡ ପର୍ଯ୍ୟନ୍ତ ୩୫.୨୦୦ କି.ମି. ରାସ୍ତା ସହ ରାଜ୍ୟର ସମସ୍ତ ଜିଲ୍ଲାର ସମସାମୟିକ ପ୍ରସ୍ତାବରେ ପୂର୍ତ୍ତବିଭାଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦେଇଥିବା ରାସ୍ତା ହସ୍ତାନ୍ତରିକରଣ ପ୍ରସ୍ତାବ ଚିଠିର ତଥ୍ୟ ଉପସ୍ଥାପନ କରି ଏହି ପ୍ରସ୍ତାବମାନଙ୍କ ମଧ୍ୟରୁ କେଉଁ ଜିଲ୍ଲାର କେଉଁ ପ୍ରସ୍ତାବ ପୂର୍ତ୍ତ ବିଭାଗକୁ କେଉଁ ଆଧାରରେ ହସ୍ତାନ୍ତରିତ ହୋଇଛି ତାର ତାଲିକା ପ୍ରକାଶ କରିବେ କି ?

----

## ଅବକାରୀ ବିଭାଗ ଦ୍ୱାରା ରାଜସ୍ୱ ଆଦାୟ

*71 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କରୋନା ମହାମାରୀ ସମୟରୁ ବର୍ତ୍ତମାନ ସୁଦ୍ଧା ଅବକାରୀ ବିଭାଗ କେତେ ରାଜସ୍ୱ ଆଦାୟ କରିଛି ଏବଂ କେତେ କ୍ଷତି ସହିଛି; ବିଶେଷ କରି ଲକଡ଼ାଉନ୍ କଟକଣା ଜାରି ଥିବାବେଳେ ଚୋରା ମଦର ବନ୍ୟା ହେବା (ବିଭିନ୍ନ ଟିଭି ଚ୍ୟାନେଲ୍ ରେ ପ୍ରସାରିତ) ଯୋଗୁଁ ଅସାଧୁ କାରବାରରେ ଲିପ୍ତ କେତେ ମଦ ଦୋକାନର ଲାଇସେନ୍ସ ରଦ୍ଦ ହୋଇଛି, ଏ ନେଇ କେତେଜଣ ବ୍ୟକ୍ତି, ଅବକାରୀ କର୍ମଚାରୀଙ୍କ ବିରୋଧରେ କେତେ ମାମଲା ରୁଜୁ ହୋଇଛି, କେତେ ଜୋରିମାନା ଆଦାୟ ହୋଇଛି, କେତେ ମଦ ଜବତ ହୋଇଛି, ସେ ସମ୍ପର୍କିତ ଜିଲ୍ଲାୱାରୀ ତଥ୍ୟ ଦେବେ କି; ଅନ୍ୟପକ୍ଷରେ ମଦ ଅଭାବରୁ କେତେ ମଦ୍ୟପ ଅସୁସ୍ଥ ହେବା ଖବର ସରକାରଙ୍କ ନିକଟରେ ଅଛି କି; ଲକଡ଼ାଉନ ପରେ ମଦର ବର୍ଦ୍ଧିତ ମୂଲ୍ୟ ଯୋଗୁଁ ବିଭାଗର କ୍ଷୟକ୍ଷତି କେତେ ଭରଣା ହୋଇଥିବା କହିବେ କି ?

----

## ଖଣି ନିଲାମ ପ୍ରକ୍ରିୟା ଶେଷ

*72 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଅଦ୍ୟାବଧି ରାଜ୍ୟରେ କେତୋଟି ଖଣିର ନିଲାମ ପ୍ରକ୍ରିୟା ଶେଷ ହୋଇଛି, କେଉଁ ଖଣିଜ ଦ୍ରବ୍ୟର କେତୋଟି ଲେଖାଏଁ ଖଣି ନିଲାମ ହୋଇଛି, ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## କେନ୍ଦୁଆପଦାଠାରେ ନୂତନ ଥାନା ଖୋଲିବା

*73 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମୁଖ୍ୟ ମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଚଳିତ ବର୍ଷ ନୂତନ ପୋଲିସ ଥାନା ଖୋଲିବାର ପ୍ରସ୍ତାବ ଅଛି କି, ଯଦିଥାଏ ରେଞ୍ଜ ଭଦ୍ରକ ପୋଲିସ୍ ଜିଲ୍ଲା ଅନ୍ତର୍ଗତ କେନ୍ଦୁଆପଦାଠାରେ ଏକ ନୂତନ ପୋଲିସ୍ ଷ୍ଟେସନ୍ ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## କେନ୍ଦ୍ର ଅନୁଦାନ

*74 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚଳିତ 2021 ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ସରକାର କେନ୍ଦ୍ର ନିକଟରେ କେଉଁ ବିଭାଗ ପାଇଁ କେତେ ଅର୍ଥ ଦାବୀ କରିଥିବାବେଳେ କେନ୍ଦ୍ର ସରକାର କେଉଁ ବିଭାଗକୁ କେତେ ଅର୍ଥ ଚଳିତ କେନ୍ଦ୍ର ବଜେଟରେ ବ୍ୟବସ୍ଥା କରିଛନ୍ତି ଓ କେତେ ଅର୍ଥ ବିଗତ ବର୍ଷ ତୁଳନାରେ ହ୍ରାସ କରିଛନ୍ତି?

----

## Established of Covid Hospital in the State

***75** **Shri. Narasingha Mishra (Bolangir):**

Will the Minister for **Health and Family Welfare** be pleased to state that :- How many Covid Hospital had been established in the State in PPP mode private partnership and what amount has been spent; How many patient has been treated in these Hospital; Will the minister furnish details of Hospital wise information; will the fixed assets purchased by these Hospital in the funds of Govt. return to Govt. if not, why and reason there of ?

----

## ପୁରାତନ ବ୍ରିଜର ପୁନଃ ନିର୍ମାଣ

***76** **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ପ୍ରଶ୍ନ ସଂଖ୍ୟା ୩୯୨ ତା. ୨୪.୦୨.୨୦୨୦ରେ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ରଣପୁର ଠାରୁ ରାଜସୁନାଖଳା ରାସ୍ତାର ଚମ୍ପିଡ଼ିପୁର ଠାରେ ଅତ୍ୟନ୍ତ ବିପଦଶଂକୁଳ ଜରାଜୀର୍ଣ୍ଣ ଅବସ୍ଥାରେ ରାଜ ରାଜୁଡା ଅମଳରୁ ଥିବା ଅତି ପୁରାତନ ବ୍ରିଜର ପୁନଃ ନିର୍ମାଣ ପାଇଁ ପଦକ୍ଷେପ ନେବେକି ?

----

## କାର୍ଯ୍ୟକ୍ଷମ ଥିବା Steel Plant

***77** **ଶ୍ରୀ ସାଲୁଗା ପ୍ରଧାନ (ଜି.ଉଦୟଗିରି):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବର୍ତ୍ତମାନ କେତୋଟି Steel Plant କାର୍ଯ୍ୟକ୍ଷମ ଅଛି; ସେଥିରୁ କେତେ ପରିମାଣ ଇସ୍ପାତ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ଓ ଡିସେମ୍ବର ୨୦୨୦ ସୁଦ୍ଧା କେତେ ପରିମାଣର ଉତ୍ପାଦନ ହୋଇଛି ?

----

## Online Connectivity of Police Station

***78** **Shri. Souvic Biswal (Choudwar-cuttack):**

Will the **Chief Minister** be pleased to state that :- Is there any proposal for online connectivity of all police stations with district and State level police system through internet; if yes what is its present status ?

----

## HRMS ରେ ତଥ୍ୟ ପ୍ରଦାନ କରି ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

*79 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଅବକାରୀ,ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ସୁବ୍ୟବସ୍ଥିତ କରିବାକୁ ସରକାର HRMS ରେ ସମସ୍ତ ତଥ୍ୟ ପ୍ରୟୋଗ କରିବାକୁ ବ୍ୟବସ୍ଥା କରିଥିବାବେଳେ ବହୁବିଭାଗ ଓ କାର୍ଯ୍ୟାଳୟ ଏହି ତଥ୍ୟ ଅଧୁନାତନ କରିବାରେ ଅକ୍ଷମ ହେବା ହେତୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ବିଳମ୍ବିତହେଉଥିବା ପରିପ୍ରେକ୍ଷୀରେ HRMS ରେ ସରକାରୀ କର୍ମଚାରୀଙ୍କ ସହ ଅନୁଦାନ ପ୍ରାପ୍ତ ଅଧ୍ୟାପକ, ଶିକ୍ଷକ, ବିଶ୍ୱବିଦ୍ୟାଳୟ ଶିକ୍ଷକ, କର୍ମଚାରୀ, ସ୍ୱୟଂଶାସିତ ସଂସ୍ଥା, ନିଗମ କର୍ମଚାରୀଙ୍କ ତଥ୍ୟ ଅଧୁନାତନ କରିବାକୁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## PHC ଓ CHCରେ ସ୍ଥାୟୀ ଡାକ୍ତର ନିଯୁକ୍ତି

*80 **ଶ୍ରୀ ଜୟନାରାୟଣ ମିଶ୍ର (ସମ୍ବଲପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂକମିଟି ୨୦୧୫ ମସିହାରେ PHC ଓ CHCରେ ଆୟୁଷ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସରକାରଙ୍କୁ ସୁପାରିଶ କରିଥିବା ବେଳେ ଓ ଆନ୍ତଃମନ୍ତ୍ରୀ କମିଟି (TRI-Ministerial Committee) ଏହାକୁ ତାଲିକାଭୁକ୍ତ କରି ପ୍ରାଥମିକତା ଭିତ୍ତିରେ ସୁପାରିଶ କରିଥିବା ବେଳେ ସରକାର ଏ ଦିଗରେ କିପଦକ୍ଷେପ ନେଇଛନ୍ତି ?

----

## OBCC ଦ୍ୱାରା ହୋଇଥିବା Tender

*81 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- OBCCରେ 2019 - 20, 2020 - 21 ରେ ଏବଂ 2018-19 ରେ ମୋଟ କେତେ Tender ହୋଇଛି ଓ କେଉଁ Consulted Company ଦ୍ୱାରା Estimate ତିଆରି କରାଯାଇଛି ଏବଂ କେଉଁ Schedule Rate କୁ Follow କରାଯାଇଛି ଏହାର ନାମସହ ବର୍ଷ wise ତାଲିକା ଦେବେ କି; OBCC MD ଅବସର ହୋଇଯାଇ ଥିଲେ ମଧ୍ୟ OBCC ରେ ରଖିବାଦ୍ୱାରା ଦୁର୍ନିତୀ ହୋଇଥିବା କଥା ସତ୍ୟ କି ?

----

## ରୟାଲଟି ଆଦାୟର ପ୍ରଭାବ

*82 **ଶ୍ରୀ ମହିଧର ରଣା (କଣ୍ଟମାଳ):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋଭିଡ-୧୯ ମହାମାରୀ ଯୋଗୁଁ ରାଜ୍ୟ ସରକାରଙ୍କର ରୟାଲଟି ଆଦାୟ କ୍ଷେତ୍ରରେ ପ୍ରଭାବ ପଡିଛି କି ?

----

## ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

*୫3 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶାରେ କରୋନା ମହାମାରୀ ସମୟରୁ ବର୍ତ୍ତମାନ ସୁଦ୍ଧା ମୋଟ କେତେ ଅପରାଧ ସଂଘଟିତ ହୋଇଛି, ସେଥିରେ କେତେଜଣଙ୍କ ବିରୋଧରେ କେଉଁ କେଉଁ ଅପରାଧିକ କେତୋଟି ମାମଲା ରୁଜୁ ହୋଇଛି, ସେଥିମଧ୍ୟରୁ କେତେଜଣ ସାମାଜିକ, ରାଜନୈତିକ କର୍ମୀ, ସମ୍ବାଦିକ (ଉଭୟ ଛାପା ଓ ବୈଦ୍ୟୁତିକ), ମାଓବାଦୀଙ୍କ ବିରୋଧରେ କେଉଁ କେଉଁ ଅପରାଧରେ କେତେ ମାମଲା ଦାଏର କରାଯାଇ କେତେଜଣଙ୍କୁ ଜେଲରେ ଭର୍ତ୍ତି କରାଯାଇଛି ବିଶେଷ କରି ମହାମାରୀ କାରଣରୁ ସମ୍ପୃକ୍ତ ଆଇନ ଉଲ୍ଲଂଘନ ଅଭିଯୋଗରେ କେତେଜଣଙ୍କ ବିରୁଦ୍ଧରେ କେତେ ମାମଲା ହୋଇଛି, କେତେ ଜରିମାନା ଆଦାୟ ହୋଇଛି ସେ ବିଷୟରେ ମାସ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ; ନିର୍ଦ୍ଦିଷ୍ଟ ଭାବେ କହିବେ କି ଲକଡାଉନ୍ ପରିପ୍ରେକ୍ଷୀରେ ଅବକାରୀ ଆଇନ ଉଲ୍ଲଂଘନ କରି କେତେ ମଦ୍ୟପଙ୍କୁ ଗିରଫ କରାଯାଇଥିଲା, କେତେ ଅବକାରୀ ସାମଗ୍ରୀ ପୋଲିସ ଜବତ କରିଥିଲା ?

----

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା

*୫4 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତେ ଜଣ ରୋଗୀ ଆଜି ପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସେବା ଚିକିତ୍ସା ସୁବିଧା ପାଇଛନ୍ତି କହିବା ସଙ୍ଗେ ସଙ୍ଗେ ଘରୋଇ ଡାକ୍ତରଖାନା ଗୁଡିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ଠିକ୍ ଭାବେ ହେଉନାହିଁ ବୋଲି ରୋଗୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସରକାର କାହିଁକି ରୋଗୀମାନଙ୍କୁ ଚିକିତ୍ସା ସୁବିଧା ଘରୋଇ ଡାକ୍ତରଖାନାରେ ବ୍ୟବସ୍ଥା କରୁନାହାନ୍ତି ତାର କାରଣ କଣ; ଏପରିକି ଘରୋଇ ଡାକ୍ତରଖାନାରେ କେଉଁ ଚିକିତ୍ସା ପାଇଁ କେତେ ଦର ନିରୁପଣ କରିବା ସଙ୍ଗେ ସଙ୍ଗେ ଘରୋଇ ଆମ୍ବୁଲାନସର ଦର ସ୍ଥିର କରିବା, ମୃତ ବ୍ୟକ୍ତିର ଶରୀର ଘରୋଇ ଡାକ୍ତରଖାନାମାନଙ୍କରେ ଜୋର ଜବରଦସ୍ତ ରଖି ଅର୍ଥ ପଇଠ ପାଇଁ ଜିଦ୍ ଧରିବା ବ୍ୟବସ୍ଥା ଉପରେ ସରକାର ରୋକ୍ ଲଗାଉନାହାନ୍ତି ତାର କାରଣ କଣ ?

----

## କଳାହାଣ୍ଡି ଜିଲ୍ଲାରେ ଥିବା ନିର୍ମାଣ ବିଭାଗ ରାସ୍ତା

*୫5 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ରାସ୍ତା ଓ କେତେ କି.ମି. ରାସ୍ତା ଉକ୍ତ ବିଭାଗ ଅଧିନରେ ଅଛି ତା'ର ଏକ ତାଲିକା ବ୍ଲକୱାରୀ ଦେବେ କି, ରାସ୍ତାକଡରେ ବସିବା ପାଇଁ ବେଞ୍ଚ ସହରାଞ୍ଚଳରେ ଓ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ପ୍ରସ୍ତାବ ଥିଲେ ଜଣାଇବେ କି ?

----

## MMTC ର ପୁଞ୍ଜି ନିବେଶ

*୫6 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମରେ କେନ୍ଦ୍ରୀୟ ସଂସ୍ଥା MMTC ର ମୋଟ ପୁଞ୍ଜିନିବେଶ କେତେ ଓ ଏହି ସଂସ୍ଥା ପ୍ଲାଣ୍ଟକୁ କଞ୍ଚାମାଲ ଯୋଗାଣ ଏବଂ ସାମଗ୍ରୀ କିଣାବିକାରେ ମୋଟ କେତେ ଟଙ୍କା କମିଶନି ନେଇଛି ; ଅଷ୍ଟ୍ରେଲିଆ କମ୍ପାନୀରୁ କୋକ୍ ଆମଦାନୀରେ ବ୍ୟାପକ ହେରଫେର ଯୋଗୁଁ ନିମ୍ନମାନର କୋକକୁ ବ୍ୟବହାର ନକରି ଫେରାଇ ଦେବାରୁ ତାହା ପାରାଦ୍ୱୀପରେ ପଡିରହିଥିବା ବେଳେ ସେ ବାବଦରେ MMTC 1600 କୋଟି ଟଙ୍କା ପ୍ଲାଣ୍ଟ ଉପରେ ଲଦିବା ଘଟଣାର ତଦନ୍ତ ହେଲାଣି କି ; ଯଦି 'ହଁ', ତେବେ 1600 କୋଟି ଟଙ୍କାର କୋକ୍ ହେରଫେର ପାଇଁ ଉତ୍ତରଦାୟୀ କିଏ?

----

## ନୂତନ ଫାଣ୍ଡି ପ୍ରତିଷ୍ଠା

*୫7 **ଶ୍ରୀ ଅନନ୍ତ ନାରାୟଣ ଜେନା ():**

**ମୁଖ୍ୟ ମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ୱାର୍ଡ ନଂ 43 ଚିନ୍ତାମଣିଶ୍ୱର ନିକଟସ୍ଥ ଫିସରି ଗାଡିଆଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବେ କି?

----

## ଖାଲିଥିବା ଡାକ୍ତର ଓ ଫାରମାସିଷ୍ଟ ପଦବୀ ପୂରଣ

*୫୫ **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାୟଗଡା ଜିଲ୍ଲାର କେଉଁ କେଉଁ PHC ଏବଂ CHCରେ କେତୋଟି Doctor, Pharmacist ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପଦବୀ କେଉଁ dateରୁ ଖାଲି ପଡିଛି; ଉକ୍ତ ପଦବୀ ଗୁଡିକୁ କେବେ ସୁଦ୍ଧା ପୂରଣ କରିବେ ଜଣାଇବେ କି ?

----

## ସାଗରମେଳା ପ୍ରକଳ୍ପ ପାଇଁ ବ୍ୟୟ ବରାଦ

*୫୨ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କ) କେନ୍ଦ୍ର ସରକାର ପ୍ରସ୍ତାବିତ ଉପକୂଳ ରାଜପଥ (କୋଷ୍ଟାଲ ହାଇୱେ) ର କାର୍ଯ୍ୟ ଆରମ୍ଭ ନହେବା କାରଣ କ'ଣ; ଏହି ଚିଲିକା ହ୍ରଦର କ'ଣ ପ୍ରଭାବ ପକାଇବ; ଏହି ପ୍ରକଳ୍ପ କେଉଁ ଠାରୁ ଆରମ୍ଭ ଏବଂ କେତେ କି.ମି. ପର୍ଯ୍ୟନ୍ତ- ମୋଟ ପ୍ରକଳ୍ପର ଏଷ୍ଟିମେଟ୍ କଷ୍ଟ କେତେ; କେନ୍ଦ୍ର ସରକାରଙ୍କ ଘୋଷଣା ପରେ ରାଜ୍ୟ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି; ଏଥିପାଇଁ ପରିବେଶ ମଂଜୁରୀ କେବେ ମିଳିଛି ; (ଖ) ସାଗରମେଳା ପ୍ରକଳ୍ପରେ ରାଜ୍ୟରେ ଅନ୍ୟ କ'ଣ ପ୍ରକଳ୍ପ ରହିଛି- ସେଗୁଡିକର ବ୍ୟୟବରାଦ କେତେ; ତାହା କେଉଁ କେଉଁ ଜିଲ୍ଲାରେ ନିର୍ମାଣ ହେବ ?

----

## ଲୁହାପଥର ଉତ୍ତୋଳନରେ ଟନ ପ୍ରତି ବ୍ୟୟ

*୨୦ **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି,ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) 2015 -16 ରୁ 2019 - 20 ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ଥିବା କେଉଁ କେଉଁ ଲୁହାଖଣି ପଟ୍ଟାଦାରଙ୍କ ଖଣିରେ ଲୁହାପଥର ଟନ ପ୍ରତି ଉତ୍ତୋଳନ ବ୍ୟୟ କେତେ ଥିଲା ଓ କେତେ ମୂଲ୍ୟରେ ବିକ୍ରି କରିଥିଲେ ସେ ସମ୍ପର୍କରେ ଫର୍ମ - ଏଚ- 1 ରିଟର୍ଣ୍ଣ ମାଧ୍ୟମରେ ସରକାରଙ୍କୁ ଜଣାଇଥିଲେ ତାହା ପ୍ରକାଶ କରିବେ କି , ରାଜ୍ୟରେ ଇସ୍ପାତ କାରଖାନା ପ୍ରତିଷ୍ଠା କରିଥିବା କମ୍ପାନୀମାନେ ଟନ ପ୍ରତି ଇସ୍ପାତ ଉତ୍ପାଦନ ନିମନ୍ତେ କେତେ ଅର୍ଥ ବ୍ୟୟ କରି କେତେ ମୂଲ୍ୟରେ ବିକ୍ରି କରି କେତେ ଲାଭ/ କ୍ଷତି କରୁଛନ୍ତି ଏ ସମ୍ପର୍କରେ ସରକାର ଆକଳନ କରିଛନ୍ତି କି , ଯଦି କରିଛନ୍ତି ତେବେ ଲୁହାପଥର ଏବଂ ଇସ୍ପାତର ଉତ୍ପାଦନ ଓ ବିକ୍ରି ମୂଲ୍ୟର ବିବରଣୀ ପ୍ରଦାନ କରିବେ କି ; (ଖ ) ସ୍ୱଳ୍ପ ପୁଞ୍ଜି ବିନିଯୋଗରେ ଅଧିକ ଲାଭ କରୁଥିବା ଖଣି ପଟ୍ଟାଦାରଙ୍କ ତୁଳନାରେ ଅଧିକ ପୁଞ୍ଜି ବିନିଯୋଗ କରି କ୍ଷତିରେ ଚାଲୁଥିବା ଇସ୍ପାତ କାରଖାନାକୁ ରିହାତି ମୂଲ୍ୟରେ ଲୁହାପଥର ଯୋଗାଇ କ୍ଷତି ହ୍ରାସପାଇଁ ସରକାର ଆଭିମୁଖ୍ୟ କଣ ତାହା ଜଣାଇବେ କି?

----

**ଭୁବନେଶ୍ୱର.** **ଦାଶରଥୀ ଶତପଥୀ,**
**ସୋମବାର, ୨୨ ଫେବୃଆରୀ, ୨୦୨୧ .** **ସଚିବ**